ଧରିତ୍ରୀ
DHARITRI
ଶୁକ୍ରବାର, ୧୧ ମାର୍ଚ୍ଚ, ୨୦୨୨



**୩୮ ଲିଟର ମଦ ଜବତ, ୪ଗିରଫ**

ପାପଡାହାଣ୍ଡି,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପୋଲିସ ଓ ଅବକାରୀ ପୋଲିସ ମିଳିତ ଭାବେ ଗୁରୁବାର ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୮ ଲିଟର ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଜିଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନିର୍ଦ୍ଦେଶରେ ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ, ଓଆଇସି ଅମୀୟ ଖଞ୍ଜ, ମଇଦଲପୁର ଫାଣ୍ଡି ଏସ୍ଆଇ ଡି. ଦେବୀ କୁମାରଙ୍କ ନେତୃତ୍ୱରେ ତୁମ୍ପର୍ଲା, ମଇଦଲପୁର, ସେମଲା, ଗୋପିଗୁଡା ଓ ଡ଼ମୁଗୁଡାରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତୁମ୍ପର୍ଲାରେ ବାଇକରେ ଯାଉଥିବା ଗୋପୀନାଥ ହରିଜନ ଓ ରାଜୁ ହରିଜନଙ୍କ ନିକଟରୁ ୧୦ ଲିଟର ମଦ ସହ ବାଇକ, ସେମଳା ଚଇତି ପୂଜାରୀଙ୍କଠାରୁ ୧୨ଲି ଓ ଗୋପିଗୁଡା ବୈଦି ମାଝିଙ୍କଠାରୁ ୧୬ଲି ମଦ ଜବତ କରାଯାଇଛି। ଅବକାରୀ କନଷ୍ଟେବଲ ଏସ୍. ଭାସ୍କର ରାଓ, ବାଳକୃଷ୍ଣ ନାୟକ, ରଞ୍ଜି ଯାନୀ, ଗତୁଲ ନାୟକ, ସନୁ ସେଠିଆ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଜପାର ଅଧକ୍ଷା, କାଉନ୍‌ସିଲର ପାଇଁ ବିଦ୍ରୋହୀ ପ୍ରାର୍ଥୀ

ଗୁଣପୁର,୧୦।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ନିର୍ବାଚନ ପାଇଁ ଭାଜପାରେ ଏବେ ଅନେକ ବିଦ୍ରୋହୀ ପ୍ରାର୍ଥୀ ସାମ୍ନାକୁ ଆସିଛନ୍ତି। ଏହା ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଅଧକ୍ଷା ପାଇଁ ଭାଜପାର ବରିଷ୍ଠ ନେତ୍ରୀ ସୁଜାତା ପଟ୍ଟନାୟକ ବିଏସ୍‌ପିରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ୧ନଂ. ୱାର୍ଡରୁ ଯୁବମୋର୍ଚ୍ଚାର ଜିଲା କୋଷାଧକ୍ଷ ସତ୍ୟ ସୁନ୍ଦରକର ସ୍ୱାଧୀନ ଭାବେ କାଉନସିଲର ପ୍ରାର୍ଥୀ ହୋଇଛନ୍ତି। ବରିଷ୍ଠ ନେତ୍ରୀ ଲକ୍ଷ୍ମୀ ଶ୍ରୀରାମ ୭ ନଂ. ୱାର୍ଡରୁ ବିଏସ୍‌ପିରୁ କାଉନସିଲର ପ୍ରାର୍ଥୀ ହୋଇଛନ୍ତି। ୩ ବିଦ୍ରୋହୀ ପ୍ରାର୍ଥୀ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛନ୍ତି।

### ୟୁଏଆଇଏଲ୍ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର




ଟିକିରି,୧୦।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଟିକିରିସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ(ୟୁଏଆଇଏଲ୍) ପକ୍ଷରୁ ଜିଲା ଦୃଷ୍ଟିହୀନତା ନିରାକରଣ ସୋସାଇଟି ସହାୟତାରେ ପାଇକକୁପଖାଲଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଖଣି ପାରିପାର୍ଶ୍ୱିକ ଗ୍ରାମବାସୀଙ୍କ ଚକ୍ଷୁ ପରୀକ୍ଷା ଓ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇବା ଲକ୍ଷ୍ୟରେ ଏହି ଶିବିର ହୋଇଥିଲା। ଏଠାରେ ଗ୍ରାମବାସୀଙ୍କ ଚକ୍ଷୁ ପରୀକ୍ଷା ସହ ପାୱାର ଚଷମା ଓ ଔଷଧ ଦିଆଯାଇଥିଲା। ସେହିପରି ମୋତିଆବିନ୍ଦୁ ଅପରେଶନ ନିମନ୍ତେ ପରାମର୍ଶ ଦିଆଯାଇଛି। ଶିବିରରେ ଅଣ୍ଡିରାକଞ୍ଚ ଥାନାଧିକାରୀ ତପନ ମାହାଲି ମୁଖ୍ୟ ଅତିଥି ଥିଲେ। ସମ୍ମାନୀତ ଅତିଥି ରୂପେ ସିଏସ୍ଆର୍, ସିଆର୍ ଆଣ୍ଡ ସଷ୍ଟେନାବିଲିଟି ଜିଏମ୍ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଚକ୍ଷୁ ରୋଗ ବିଶେଷଜ୍ଞ ଡା. ଏମ୍. ସୁରେଶ କୁମାର, କାଶୀପୁର ତହସିଲଦାର ଶରତ ଶବର, ମାଇକଞ୍ଚ ଆର୍ଆଇ ଗିରିଧର ସାହୁ, ଅପ୍‌ଥାଲମିକ୍ ଆସିଷ୍ଟାଣ୍ଟ ରସାନନ୍ଦ ସେଠୀ, ଏସ୍ଆଇ ଆଶୁତୋଷ ସାହୁ ଏବଂ ୟୁଏଆଇଏଲ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ଉତ୍କଳ ଆଲୁମିନା ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରତି ସର୍ବଦା ପ୍ରତିବଦ୍ଧ ବୋଲି ସିଏସ୍ଆର୍, ସିଆର୍ ଆଣ୍ଡ ସଷ୍ଟେନାବିଲିଟି ଜିଏମ୍ କହିଛନ୍ତି।

### ପୁଷ୍ପ କୃଷି ମିଶନ ପକ୍ଷରୁ ନର୍ସରି ସ୍ଥାପନ

ନବରଙ୍ଗପୁର,୧୦।୩ (ବି.ପ୍ର.)-ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ଲକ୍ଷ୍ନୌ ପକ୍ଷରୁ ନନ୍ଦାହାଣ୍ଡି ବ୍ଲକର ଜେଟୁଗୁଡ଼ାରେ ପୁଷ୍ପ କୃଷି ମିଶନ ଜରିଆରେ ଫୁଲଚାରା ନର୍ସରି ସ୍ଥାପନ କରାଯାଇଛି। ଜିଲାପାଳ ଡ. କମଳ ଲୋଚନ ମିଶ୍ର ୩ ପ୍ରକାର ଗ୍ଲାଡିଓଲସ୍ କନ୍ଦ ରୋପଣ କରିଥିଲେ। ଚାଷୀମାନଙ୍କୁ ବିଭିନ୍ନ ଫୁଲ ଚାରା ଯୋଗାଇଦେବା ସହ କ୍ଷେତ୍ର ପ୍ରଦର୍ଶନ କରିବା ଦିଗରେ ଉଭୟ ବୈଜ୍ଞାନିକ ଓ ଜିଲା ଉଦ୍ୟାନ କୃଷି ବିଭାଗ କାର୍ଯ୍ୟ କଲେ ପୁଷ୍ପ କୃଷି ଲାଭଜନକ ହୋଇପାରିବ ବୋଲି ଜିଲାପାଳ କହିଛନ୍ତି। ଖୁବ୍ ଶୀଘ୍ର ପଲିହାଉସ୍ ପ୍ରତିଷ୍ଠା



କରିବା ଓ ବଜାର ବ୍ୟବସ୍ଥା ଦିଗରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲାର ଛୋଟ ଛୋଟ ଫୁଲଚାଷୀଙ୍କୁ ଏଥିରେ ସାମିଲ କରିବା ଦିଗରେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ପୁଷ୍ପ କୃଷି ମିଶନ ଜରିଆରେ ରଜନୀଗନ୍ଧା, ଗ୍ଲାଡିଓଲସ୍ ଓ ଅନ୍ୟ ଫୁଲଚାଷକୁ ପ୍ରୋତ୍ସାହନ ଦେବା ସହ ମହୁଚାଷ ଦିଗରେ ଚେଷ୍ଟା କରାଯିବ ବୋଲି ରାଷ୍ଟ୍ରୀୟ ବନସ୍ପତି ସଂସ୍ଥାନ ଲକ୍ଷ୍ନୌର ଡ. ଚନ୍ଦ୍ରଶେଖର ମହାନ୍ତି ଓ ସୌମିତ ବେହେରା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଡ. ପ୍ରଦୋଷ କୁମାର ପଣ୍ଡା, ଉଦ୍ୟାନ କୃଷି ବିଭାଗର ଅନ୍ୟ ଅଧିକାରୀଙ୍କ ସହ ନନ୍ଦାହାଣ୍ଡି ବ୍ଲକର ଚାଷୀମାନେ ଉପସ୍ଥିତ ଥିଲେ।

### ଦାୟିତ୍ୱ ନେଲେ ଦହଣା ସରପଞ୍ଚ



ନନ୍ଦାହାଣ୍ଡି, ୧୦।୩(ଡି.ଏନ୍.ଏ.)- ନନ୍ଦାହାଣ୍ଡି ବ୍ଲକ ଅଧୀନ ଦହଣା ପଞ୍ଚାୟତ୍ ନୂତନ ସରପଞ୍ଚ କମଳା ପୂଜାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପଞ୍ଚାୟତ ଅଧିକାରୀ ପ୍ରସନ୍ନ ବିଷୋୟୀ ତାଙ୍କୁ ସ୍ୱାଗତ କରିଛନ୍ତି। ନିର୍ବାଚନରେ ସହଯୋଗ କରିଥିବା ସମସ୍ତ ସହଯୋଗୀଙ୍କୁ ସରପଞ୍ଚ ଧନ୍ୟବାଦ ଦେଇଥିଲେ। ପଞ୍ଚାୟତବାସୀଙ୍କ ନିକଟରେ ସରକାରୀ ଯୋଜନା ଠିକ୍‌ରେ ପହଞ୍ଚାଇବେ ବୋଲି ନୂତନ ସରପଞ୍ଚ କହିଛନ୍ତି। ଦହଣାକୁ ଏକ ଆଦର୍ଶ ପଞ୍ଚାୟତଭାବେ ଗଢି ତୋଳିବା ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ‘ସ୍ଥାନୀୟ ନେତା ଜଣେ ନାରୀ ପ୍ରତି ଅନ୍ୟାୟ କରିଛନ୍ତି’

ରାୟଗଡ଼ା ଅଫିସ,୧୦।୩



ଖବରଦାତା ସମ୍ମିଳନୀରେ ମମତା ମାଝି ଓ ତାଙ୍କ ସହଯୋଗୀମାନେ ।

■ ଜିଲା କଂଗ୍ରେସ ନେତାଙ୍କ ବିରୋଧରେ ଅଭିଯୋଗ କଲେ ମମତା
■ ସମ୍ମାନ ପାଇଁ ସ୍ୱାଧୀନରେ ଲଢ଼ିବେ

କଂଗ୍ରେସ ଦଳ ସବୁବେଳେ ନାରୀଶକ୍ତିକୁ ଆଗକୁ ଆଣିବା ଏବଂ ସମ୍ମାନ ଦେବା କଥା କହିଆସିଛି। କିନ୍ତୁ ରାୟଗଡ଼ା ଜିଲାରେ ଜଣେ ନାରୀଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ନେଇ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଅନନ୍ତରାମ ମାଝିଙ୍କ ବୋହୂ ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝିଙ୍କ ସ୍ତ୍ରୀ ମମତା ଅଭିଯୋଗ କରିଛନ୍ତି। ରାୟଗଡ଼ା ସହର ସ୍ଥିତ ହୋଟେଲ ସାଇ ଇଣ୍ଟରନ୍ୟାଶନାଲଠାରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ସେ କଂଗ୍ରେସ ନେତାମାନଙ୍କ ବିରୋଧରେ ଏଭଳି ଅଭିଯୋଗ କରିଛନ୍ତି।

କଂଗ୍ରେସ ଦଳ ଭଲ କିନ୍ତୁ ସ୍ଥାନୀୟ ନେତାମାନେ ପ୍ରତିଶ୍ରୁତି ପରେ ବି ତାଙ୍କୁ ଟିକେଟ ନ ଦେଇ ଅନ୍ୟାୟ କରିଛନ୍ତି ବୋଲି ମମତା କହିଛନ୍ତି। ତାଙ୍କ ଅଭିଯୋଗ ହେଲା, ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ପୂର୍ବତନ ଯୁବ କଂଗ୍ରେସ ସଭାପତି(କୋରାପୁଟ ଲୋକ ସଭା ସଂସଦୀୟ କ୍ଷେତ୍ର) ଭବାନୀ ଶଙ୍କର ଜେନା ଏବଂ ସନ୍ତୋଷ ଶତପଥୀ ମାର୍ଚ୍ଚ ୫ରେ ଫୋନ୍ କରି ରାୟଗଡ଼ା ପୌରାଧକ୍ଷା ଆସନ ପାଇଁ ନିର୍ବାଚନ ଲଢ଼ିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ସେହିଦିନ ହିଁ ନିର୍ବାଚନ ପାଇଁ ଟିକେଟ ଚୂଡ଼ାନ୍ତ ହୋଇଥିବା ତାଙ୍କୁ କୁହାଯାଇଥିଲା। ଫଳରେ ବ୍ୟକ୍ତିଗତ କାମରେ ରାଜସ୍ଥାନରେ ଥିବା ସତ୍ତ୍ୱେ ୨୪ ଘଣ୍ଟା ମଧ୍ୟରେ ସେ ଆସି ରାୟଗଡ଼ାରେ ପହଞ୍ଚିଥିଲେ। ୬ରେ ଦଳୀୟ କର୍ମୀମାନେ ତାଙ୍କୁ ଏମ୍‌ପି ସପ୍ତଗିରି ଉଲାକାଙ୍କ ପାଖକୁ ନେଇଥିଲେ। ନାମାଙ୍କନପତ୍ର ଦାଖଲ କରିବାକୁ ଏମ୍‌ପି ଅନୁମତି ଦେବାପରେ ୭ ତାରିଖ ସକାଳେ କାଗଜପତ୍ର ସେ ଉପସ୍ଥାପନ କରିଥିଲେ। ଏହି ସମୟରେ କଂଗ୍ରେସ ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ ଉପସ୍ଥିତ ଥିଲେ। କିନ୍ତୁ କାଗଜପତ୍ର ଠିକ୍ ନ ଥିବା ନେଇ ମିଛ କହି ସେଠାରେ ତାଙ୍କୁ ବସାଇଥିଲେ। କିନ୍ତୁ ତାଙ୍କ ବଦଳରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆପଲ ସ୍ୱାମୀ କାଡ୍ରାକାଙ୍କୁ ଟିକେଟ ମିଳିଥିଲା। ତେଣୁ ଜଣେ ନାରୀ ପ୍ରତି ଅନ୍ୟାୟ କରାଯାଇଥିବା ମମତା ଅଭିଯୋଗ କରିଛନ୍ତି। ଏଥିସହ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ସମ୍ମାନ ପାଇଁ ସ୍ୱାଧୀନଭାବେ ଲଢ଼ିବେ ବୋଲି ମମତା କହିଛନ୍ତି। ଏମ୍‌ପି ଉଲାକାଙ୍କ ୧୪ ନଂ. ୱାର୍ଡରେ କଂଗ୍ରେସର କେହି ପ୍ରାର୍ଥୀ ନାହାନ୍ତି। ସେହିପରି ୬, ୧ ଏବଂ ୨ ନମ୍ବର ୱାର୍ଡରେ ଦଳ ପକ୍ଷରୁ କେହି ପ୍ରାର୍ଥୀ ନାହାନ୍ତି। ତେଣୁ ଏମାନେ କିପରି ନିର୍ବାଚନ ଲଢ଼ିବେ ବୋଲି ମମତା ପ୍ରଶ୍ନ କରିଛନ୍ତି। ଜଣେ ନାରୀଙ୍କୁ ଟିକେଟ ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ବାଦ୍ ଦେବା ଘଟଣାକୁ ସେ ନିନ୍ଦା କରିଛନ୍ତି। ଏ ନେଇ ଜିଲା କଂଗ୍ରେସ ସଭାପତିଙ୍କୁ ପଚାରିବାରୁ ସେ କହିଛନ୍ତି, ନାରୀଙ୍କୁ ଅସମ୍ମାନ କରାଯାଇନାହିଁ। ପ୍ରଦେଶ କଂଗ୍ରେସ ଚୟନ କରିଥିବା ବ୍ୟକ୍ତିଙ୍କୁ ହିଁ ପ୍ରାର୍ଥୀ କରାଯାଇଛି। ମମତା କଂଗ୍ରେସ ପ୍ରାଥମିକ ସଦସ୍ୟ ନୁହଁନ୍ତି। ସେ କୌଣସି କାମ କରିନାହାନ୍ତି କି ଲୋକେ ତାଙ୍କୁ ଜାଣିନାହାନ୍ତି। ତେଣୁ ତାଙ୍କୁ ଦଳ ପ୍ରାର୍ଥୀ କରିନାହିଁ ବୋଲି ସେ କହିଛନ୍ତି।

## ରାସ୍ତାକଡ଼ରେ ମଦଦୋକାନ ହେଲେ ଆନ୍ଦୋଳନ ଚେତାବନୀ

ଝରିଗାଁ/ଉମରକୋଟ, ୧୦।୩(ସ୍ୱ.ପ୍ର.)

■ ବିଦେଶୀ ଠିପିଖୋଲା ମଦ ଦୋକାନକୁ ନେଇ ଅସନ୍ତୋଷ
■ ପ୍ରଶାସନ ନିକଟରେ ଅଭିଯୋଗ କଲେ ଝରିଗାଁ ଗ୍ରାମବାସୀ

ନବରଙ୍ଗପୁର ଜିଲା ଝରିଗାଁ-ଡାବୁଗାଁ ମୁଖ୍ୟ ରାସ୍ତାକଡ଼ରେ ନୂଆ ଠିପିଖୋଲା ବିଦେଶୀ ମଦ ଦୋକାନ ପାଇଁ ପ୍ରସ୍ତାବ ଗୃହୀତ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଜାଣିବା ପରେ ଝରିଗାଁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଉଛି। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଜିଲାପାଳ ଡ. କମଳଲୋଚନ ମିଶ୍ର ଓ ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କୁ ଭେଟିଥିଲେ। ଅଧିକାରୀମାନେ ଯାଇ ଏହାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ପ୍ରଶାସନ ଘଟଣାକୁ ଗୁରୁତ୍ୱ ଦେଇ ଲୋକଙ୍କ ସମସ୍ୟା ସମାଧାନ ନ କରେ, ତାହାଲେ ଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।


ଜିଲା ଅବକାରୀ ଅଧୀକ୍ଷକଙ୍କୁ ଗ୍ରାମବାସୀ ଅଭିଯୋଗପତ୍ର ଦେଉଛନ୍ତି।

ଜନବସତି, କଲେଜ, ଧର୍ମାନୁଷ୍ଠାନ, ବିଦ୍ୟାଳୟ, ପେଟ୍ରୋଲ ପମ୍ପ, ମୁଖ୍ୟରାସ୍ତା ନିକଟରେ ମଦ ଦୋକାନ ନ ଖୋଲିବା ପାଇଁ ନିୟମ ରହିଛି। ଏଠାରେ କିନ୍ତୁ ବ୍ୟତିକ୍ରମ ଦେଖାଦେଇଛି। ରାସ୍ତାକଡ଼ରେ ମଦ ଦୋକାନ ଖୋଲିବା ପାଇଁ ଗ୍ରାମ କମିଟି ଅନୁମତି ଦେଇଛି, କିନ୍ତୁ ଏହା ପୂର୍ବରୁ କାହାର ମତାମତ ନିଆଯାଇନି ବୋଲି ଝରିଗାଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ତେ ପଞ୍ଚାୟତ ନିର୍ବାଚନରେ ବ୍ୟସ୍ତ ଥିବାବେଳେ ପ୍ରଶାସନ ତରବରିଆ ଭାବେ ରାସ୍ତାକଡ଼ରେ ମଦ ଦୋକାନ ଖୋଲିବାକୁ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣି କରିଦେଇଛି ବୋଲି ଗ୍ରାମବାସୀ କହିଛନ୍ତି। ଝରିଗାଁରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ମତାମତ ଓ ଦସ୍ତଖତ ଗ୍ରହଣ କରି ଗୁରୁବାର ସାମାଜିକ କର୍ମୀ ପ୍ରଫୁଲ୍ଲ ପ୍ରଧାନୀ, ମହେନ୍ଦ୍ର ଗାଉଁଟିଆ, ପୂର୍ଣ୍ଣ ପୂଜାରୀ, ତ୍ରିଲୋଚନ ପୂଜାରୀ, ଅଭି ପୂଜାରୀ, ବୁଲୁ ଗୌଡ଼, ଗିରି ପାଣ୍ଡେ, ସୁରେଶ ଚନ୍ଦ୍ର ଜେନା, ଧନିରାମ ଗୌଡ଼ ପ୍ରମୁଖ ଜିଲାପାଳ ଓ ଜିଲା ଅବକାରୀ ଅଧୀକ୍ଷକଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ।

## ‘ନିଆଁରୁ ଜଙ୍ଗଲ, ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ଆମ କର୍ତ୍ତବ୍ୟ’



ଡାବୁଗାଁ ସାପ୍ତାହିକ ହାଟରେ ଲୋକମାନଙ୍କୁ ସଚେତନ କରାଯାଉଛି।

ଡାବୁଗାଁ, ୧୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜଙ୍ଗଲରୁ ନିଆଁ ନିୟନ୍ତ୍ରଣ କରିବା ସହ ଏହା ଦାଉରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁ ରଞ୍ଜନ ଗମାଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ବନଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ବେହେରା ମୁଖ୍ୟ ଅତିଥି, ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ର, ଡାବୁଗାଁ ଓ ଜଟାବାଲ ଦାୟିତ୍ୱରେ ଥିବା ବନପାଳ ଲକ୍ଷ୍ମୀକାନ୍ତ ସାହୁ, ମୈଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ଅଗ୍ନି ଦାଉରୁ ରକ୍ଷାକରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏ ଦିଗରେ ସଚେତନ ରହିବାକୁ ବନ ସୁରକ୍ଷା କମିଟି କର୍ମକର୍ତ୍ତାଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହାପରେ ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ସବୁଜ ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସାପ୍ତାହିକ ହାଟରେ ଯାଇ ଲୋକମାନଙ୍କୁ ସଚେତନ କରାଇଥିଲା। ଡାକବାଜି ଯନ୍ତ୍ର ସାହାଯ୍ୟରେ ଜଙ୍ଗଲ ସୁରକ୍ଷା କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ବନ ସୁରକ୍ଷା କମିଟିର ସଦସ୍ୟମାନେ ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ବନ ସୁରକ୍ଷା ସମିତି ସଭାପତିଙ୍କ ସମେତ ପ୍ରାୟ ୩୦୦ ସଦସ୍ୟ ଯୋଗଦେଇଥିଲେ। ବନରକ୍ଷୀ ମନୋରଞ୍ଜନ ନାୟକ, ପ୍ରକାଶ ସରକାର, କୁନ୍ତଳା କୁମାରୀ ଖୁରା, ରୀତାରାଣୀ ବିଶ୍ୱାସରାୟ, ରମାକାନ୍ତ ସାହୁ, ଅନିତା ହିଆଲ, ସୁଶାନ୍ତ ସିଂ, ସଦା ସାନ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଛାତ୍ରାବାସରେ ବିଦ୍ୟୁତ୍ ସଂଯୋଗ କଲା ଟାଟା ପାୱାର

ମାଲକାନଗିରି,୧୦।୩ (ଡି.ଏନ୍.ଏ.)

**ବିଦ୍ୟୁତ୍ କାଟ ଯୋଗୁ ୨୫ ଅନ୍ତେବାସୀ ଛାତ୍ରାବାସ ଛାଡ଼ିବା ଘଟଣା**

ମାଲକାନଗିରି ଜିଲା ସଦର ମହକୁମା ଷ୍ଟାଡିୟମ ପରିସରରେ ଥିବା କ୍ରୀଡ଼ା ଛାତ୍ରାବାସର ବକେୟା ବିଦ୍ୟୁତ୍ ବିଲ୍ ପୈଠ ନ ହେବାରୁ ଗତ ୧୦ ଦିନ ତଳେ ଟାଟା ପାୱାର ପକ୍ଷରୁ ବିଦ୍ୟୁତ୍ ସଂଯୋଗ କଟାଯାଇଥିଲା। ବୁଧବାର ବାଧ ହୋଇ ଛାତ୍ରାବାସର ୨୫ ଜଣ ଅନ୍ତେବାସୀ ଛାତ୍ରାବାସ ଛାଡ଼ି ଚାଲିଯାଇଥିଲେ। ଏନେଇ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ବିଶାଲ ସିଂଙ୍କ ହସ୍ତକ୍ଷେପ ପରେ ଟାଟା ପାୱାର ଗୁରୁବାର ଛାତ୍ରାବାସରେ ପୁନଃ ବିଦ୍ୟୁତ୍ ସଂଯୋଗ କରିଛି। ସୂଚନାଯୋଗ୍ୟ, ଏହି ଛାତ୍ରାବାସର ବକେୟା ବିଦ୍ୟୁତ୍ ଦେୟ ୪୯ ଲକ୍ଷରୁ ଉର୍ଦ୍ଧ୍ୱ ଥିଲା। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଛାତ୍ରାବାସର ବିଦ୍ୟୁତ୍ ସଂଯୋଗ କଟାଯାଇଥିଲା। ସେ ସମୟରେ ୧୯ ଲକ୍ଷ ୭୫ ହଜାର ଟଙ୍କା ପୈଠ କରି ବିଭାଗ ଏକ ମାସ ମଧ୍ୟରେ ୩୦ଲକ୍ଷ ଟଙ୍କା ବକେୟା ପ୍ରାପ୍ୟ ଦେବାକୁ ପ୍ରତିଶ୍ରୁତି ଦେବାରୁ ଛାତ୍ରାବାସରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ମାତ୍ର ମାସେ ପରେ ବିତିଯାଇଥିଲେ ମଧ୍ୟ ବକେୟା ପଇଠ ନ ହେବାରୁ ୧୦ ଦିନ ତଳେ ଛାତ୍ରାବାସରୁ ବିଦ୍ୟୁତ୍ ସଂଯୋଗ କଟାଯାଇଥିଲା। ବିଦ୍ୟୁତ୍ ସଂଯୋଗ ଆଶାରେ ଛାତ୍ରମାନେ କିଛିଦିନ ବିଭିନ୍ନ ସମସ୍ୟା ସତ୍ତ୍ୱେ ରହି ପରେ ବୁଧବାର ଛାତ୍ରାବାସ ଛାଡ଼ି ଚାଲିଯାଇଥିଲେ।

## ପୌର ନିର୍ବାଚନ ନେଇ ୩ ଦଳର କସରତ

ମାଲକାନଗିରି,୧୦।୩(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନ ପରେ ଆରମ୍ଭ ହୋଇଛି ପୌର ନିର୍ବାଚନ। ରାଜ୍ୟରେ ପଞ୍ଚାୟତ ନିର୍ବାଚନରେ ବିଜେଡି ଭଲ ପ୍ରଦର୍ଶନ କରିଥିବା ବେଳେ ଏବେ ପୌର ନିର୍ବାଚନରେ ସେହି ସଫଳତା ହାସଲ ଲାଗି ଦଳ ଅଙ୍କକଷା ଆରମ୍ଭ କରିଛି। ତେବେ ଅନ୍ୟ ରାଜନୈତିକ ଦଳ ମଧ୍ୟ ନିଜ ପୂର୍ବ ସ୍ଥିତିରେ ଉନ୍ନତି ଆଣିବାକୁ ଅଣ୍ଟା ଭିଡ଼ିଛନ୍ତି। ମାଲକାନଗିରି ଜିଲାରେ ମାଲକାନଗିରି ପୌର ପରିଷଦ ଓ ବାଲିମେଳା ଏନ୍ଏସି ନିର୍ବାଚନକୁ ନେଇ ଉଷ୍ମତା ଦେଖିବାକୁ ମିଳିଛି। ଜିଲାରେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ୧୫ଟି ଜିଲା ପରିଷଦ ଆସନରୁ ୧୨ଟି ଆସନରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ୩ଟି ପାଇଥିଲା। ଭାଜପା ଜିଲାରେ ଖାତା ଖୋଲିପାରି ନ ଥିଲା। ବିଜେଡି ଦୀର୍ଘଦିନ ଧରି ଜିଲାରେ ସଙ୍ଗଠନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଆସିଛି। କର୍ମୀ ଓ କର୍ମକର୍ତ୍ତାମାନେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ନିକଟରେ ପହଞ୍ଚାଇଥିଲେ। ଏହା ସେମାନଙ୍କ ଲାଗି ନିର୍ବାଚନରେ ବେଶ୍ ସହାୟକ ହୋଇଥିଲା। ବାଲିମେଳାରେ ମଧ୍ୟ ଅନୁରୂପ ଭାବେ ବିଜେଡି ଭୋଟରଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଦଳ ପ୍ରତି ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଏବେ ସେହି ସଫଳତାକୁ ବିଜେଡି ପୌର ନିର୍ବାଚନରେ ହାସଲ ଲାଗି ଆରମ୍ଭ କରିଥିବା ପ୍ରୟାସ ଆଗାମୀ ଦିନରେ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ପୌର ନିର୍ବାଚନ ପାଇଁ ନିଜର ପ୍ରୟାସ ଆରମ୍ଭ କରିଛି। ଭୋଟରଙ୍କ ନିକଟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ପ୍ରଚାର ଦିଗରେ ବିଶେଷ ଗୁରୁତ୍ୱ ଦେଉଛି। ପଞ୍ଚାୟତ ନିର୍ବାଚନରେ ଜିଲାରେ ନିଜ ଅସ୍ତିତ୍ୱ ହରାଇଥିବା ଭାଜପା ପୌର ନିର୍ବାଚନ ବୈତରଣୀ ପାର ଲାଗି କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ ନିଜ ପ୍ରଚାରର ମୂଳମନ୍ତ୍ର କରିଛି। ଭୋଟରଙ୍କ ନିକଟରେ କେନ୍ଦ୍ର ସରକାରଙ୍କ ଗୁଣଗାନ କରି ଦଳ ଭୋଟ ହାତେଇବା ଲକ୍ଷ୍ୟରେ ରହିଛି।

## ନିଶାଶକ୍ତଙ୍କୁ ଚିହ୍ନଟ ସହ ମାଗଣା ଚିକିତ୍ସା ଉପରେ ଗୁରୁତ୍ୱ

ମାଲକାନଗିରି,୧୦।୩ (ଡି.ଏନ.ଏ.)


ନିଶାମୁକ୍ତ ତାଲିମ ଶିବିରରେ ଉପସ୍ଥିତି ଅଧିକାରୀ ଓ ସାମାଜିକ କର୍ମୀ ।

ନିଶା ସେବନ କରୁଥିବା ବ୍ୟକ୍ତିମାନେ କ୍ୟାନସର, ହୃଦରୋଗ, ଜକୃତ, ଚର୍ମ ରୋଗ, ମାନସିକ ବିକୃତି ଆଦି ରୋଗରେ ପଡୁଛନ୍ତି। ସେମାନଙ୍କ ପରିବାର ସମାଜରେ ଲଜ୍ଜିତ ହେବା ସହ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ଆରୋଗ୍ୟ କରିବାକୁ ସର୍ବଶାନ୍ତ ହେଉଛନ୍ତି। ଏପରି ବ୍ୟକ୍ତି ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଚିକିତ୍ସା କରିବା ସହ ଠିକ୍ ରାସ୍ତାକୁ ଫେରାଇ ଆଣି ଭବିଷ୍ୟତରେ ଯେପରି ସେମାନେ ନିଶା ସେବନ ନ କରିବେ ସେନେଇ ଗୁରୁବାର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଭିନ୍ନ କ୍ଷମ ସଶକ୍ତୀକରଣ ଅଧିକାରୀ ପଦ୍ମରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ରାଜ୍ୟ ସଂଯୋଜକ ପଙ୍କଜ ଗୁପ୍ତା, ସହ ସଂଯୋଜକ ସୁରନନ୍ଦା ମହାପାତ୍ର, ଅବକାରୀ ଇନ୍ସପେକ୍ଟର ହୃଦୟଲାଲ ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୁଜାରୀଙ୍କ ସହ ଜିଲାର ସବୁ ବ୍ଲକରୁ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ସାମାଜିକ କର୍ମୀମାନେ ନିଜ ଅଞ୍ଚଳରେ ନିଶା ସେବନ କରି ରୋଗାକ୍ରାନ୍ତ ହେଉଥିବା ଲୋକମାନଙ୍କୁ ଚିହ୍ନଟ କରି ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ସେମାନେ ନିଶାସକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଣିବା ପରେ ସେମାନଙ୍କୁ ମାଗଣାରେ ଚିକିତ୍ସା ଏବଂ ଥଇଥାନ ବ୍ୟବସ୍ଥା କରାଯିବ। ବେଆଇନ ନିଶା କାରବାର କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଅବକାରୀ ବିଭାଗ ଓ ଜିଲା ପ୍ରଶାସନର ଦୃଷ୍ଟିକୁ ଆଣିବା ନେଇ ସାମାଜିକ କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

## ବ୍ଲକ ଅଧ୍ୟକ୍ଷ ନିର୍ବାଚନ ନେଇ ଜଟିଳ ହେଉଛି ଅଙ୍କକଷା

ବୈପାରିଗୁଡ଼ା,୧୦।୩(ଡି.ଏନ୍.ଏ.)

ଆସନ୍ତା ୧୨ ତାରିଖରେ ବ୍ଲକ ଅଧ୍ୟକ୍ଷ ଆସନ ପାଇଁ ନିର୍ବାଚନ ହେବ। ଏହାକୁ ନେଇ ବୈପାରିଗୁଡ଼ାରେ ରାଜନୈତିକ ଉଷ୍ମତା ଦେଖାଦେଇଛି । ଆଶାୟୀ ପ୍ରାର୍ଥୀ ନିଜ ସମର୍ଥକଙ୍କୁ ଅଜ୍ଞାତବାସରେ ରଖି ଆବଶ୍ୟକ ମ୍ୟାଜିକ୍ ନମ୍ବର ହାସଲ କରିବାକୁ ଜୋର୍‌ଦାର କସରତ କରୁଛନ୍ତି। ବ୍ଲକର ସମୁଦାୟ ୨୦ ପଞ୍ଚାୟତର ୨୦ଜଣ ସମିତି ସଭ୍ୟ ଅଛନ୍ତି। ତେବେ ବ୍ଲକ ଅଧ୍ୟକ୍ଷ ଆସନକୁ ନେଇ ୩ ଗୋଷ୍ଠୀ ଭାଗ ହୋଇଛନ୍ତି। ବିଜେଡି, କଂଗ୍ରେସ ଏବଂ ସର୍ବଦଳୀୟ ଗୋଷ୍ଠୀ । ବିଜେଡି ସମର୍ଥିତ ୯ ସମିତିସଭ୍ୟ ଦଳର ଆଶାୟୀ ପ୍ରାର୍ଥୀ ପ୍ରଶାନ୍ତ ଗୁପ୍ତାଙ୍କ ସପକ୍ଷରେ ଥିବା ଦଳ ଦାବି କରିଛି । କଂଗ୍ରେସର ୬ ସମର୍ଥିତ ସମିତିସଭ୍ୟ ଥିବା ବେଳେ ସର୍ବଦଳୀୟ ଗୋଷ୍ଠୀରେ ଅଛନ୍ତି ୫ ଜଣ। ସର୍ବଦଳୀୟ ଗୋଷ୍ଠୀରେ ପ୍ରଶାନ୍ତଙ୍କ ପ୍ରାର୍ଥିତ୍ୱକୁ ନେଇ ୩ ଅସନ୍ତୁଷ୍ଟ ଓ ୨ ସ୍ୱାଧୀନ ସମିତି ସଭ୍ୟ ଅଛନ୍ତି। ପ୍ରଶାନ୍ତଙ୍କୁ ରୋକିବାକୁ କଂଗ୍ରେସ ଓ ସର୍ବଦଳ ମଧ୍ୟରେ ମେଣ୍ଟ ନେଇ ପ୍ରଥମରୁ ପ୍ରୟାସ ଜାରି ରହିଛି । ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଆଲୋଚନା ଜାରି ରହିଥିଲେ ହେଁ ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ ପ୍ରାର୍ଥୀ କିଏ ହେବେ ସହମତି ହୋଇପାରୁନାହିଁ । ଏହା ହୋଇ ନ ପାରିଲେ ଦଳ ବଦଳ ହେବାର ବହୁ ସମ୍ଭାବନା ରହିଛି । ଉଭୟ ଗୋଷ୍ଠୀ ପୃଥକ୍ ପୃଥକ୍ ଭାବେ ନିର୍ବାଚନ ଲଢ଼ିଲେ ଅଥବା ଭୋଟ ଦେବାରୁ ବିରତ ହେଲେ ପ୍ରଶାନ୍ତଙ୍କ ବିଜୟ ସୁନିଶ୍ଚିତ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବିଜେଡି ଶିବିରରେ ଥିବା ୯ ଜଣ ସମର୍ଥକ ସମସ୍ତେ ପ୍ରଶାନ୍ତଙ୍କ ସପକ୍ଷରେ ଯେ ଭୋଟ ଦେବେ ସେନେଇ ଆଶଙ୍କା ରହିଛି। ସେମାନଙ୍କ ମଧ୍ୟରେ କେହି ବିଫଳ ଆଶାୟୀ ପ୍ରାର୍ଥୀ କ୍ରସ୍ ଭୋଟିଂ ମଧ୍ୟ କରିପାରନ୍ତି। ତେବେ ତାହା ସେତେଟା ସହଜ ନୁହେଁ ବୋଲି ମତ ପ୍ରକାଶ ପାଉଛି।

## ଅଧ୍ୟକ୍ଷଙ୍କ ଦୁର୍ନୀତି ଧରିଲେ ତଦନ୍ତ କମିଟି

ମାଲକାନଗିରି,୧୦।୩(ଡି.ଏନ୍.ଏ.)

**ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ**
■ ଜିଲାପାଳଙ୍କ ନିର୍ଦ୍ଦେଶରେ ଟିମ୍ ଗଠନ ହୋଇଥିଲା
■ ଠିକ୍ ସମୟରେ ପଦକ୍ଷେପ ନିଆଯିବ: ଉପଜିଲାପାଳ

ମାଲକାନଗିରି ଜିଲା ଗୋବିନ୍ଦପାଲ୍ଲିସ୍ଥିତ ବିଜୁ ପଟ୍ଟନାୟକ କଲେଜରେ ଦୀର୍ଘଦିନ ଧରି ଚାଲିଥିବା ଆର୍ଥିକ ଅନିୟମିତତା ଓ ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି। ଏନେଇ ଗନ୍ଧମାର୍ଦ୍ଦନ ଟ୍ରଷ୍ଟ ସାଧାରଣ ସମ୍ପାଦକ ଓ କଲେଜର କେତେଜଣ ଅଧ୍ୟାପକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଟ୍ରେଜେରି ଅଫିସର ଜଗଦିଶ ଶାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଗତ କିଛିଦିନ ହେବ ତଦନ୍ତ ଚାଲିଥିଲା। ତଦନ୍ତ ପରେ ଟିମ୍ ତାଙ୍କ ରିପୋର୍ଟ ଉପଜିଲାପାଳ ତଥା କଲେଜ ପ୍ରଶାସନିକ ସମିତି ସଭାପତିଙ୍କୁ ଦେଇଛନ୍ତି। ଟ୍ରେଜେରି ଅଫିସର ଶା ଏନେଇ କହିଛନ୍ତି, +୨ ଓ ଡିଗ୍ରୀ ଉଭୟ କଲେଜର ଅଧ୍ୟକ୍ଷମାନେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ପ୍ରମାଣ ମିଳିଛି। ପୂର୍ବରୁ କଲେଜର


କମିଟି ପକ୍ଷରୁ ତଦନ୍ତ ଚାଲିଛି ।

ରେକର୍ଡପତ୍ର ଲୁଚେଇ ଫେରାର ଯୋଗୁ ସେ ୩ ବର୍ଷ ଧରି ନିଲମ୍ବିତ ହୋଇଥିଲେ। ପରେ ସେ ପୁଣି ଅଧ୍ୟକ୍ଷ ହୋଇଥିଲେ। ସେହିପରି ଡିଗ୍ରୀ କଲେଜ ଅଧ୍ୟକ୍ଷ ନବୀନ କୁମାର ନାୟକ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଆଦିବାସୀ ପିଲାଙ୍କଠାରୁ ସେ ବିନା ରସିଦରେ ପ୍ରାକ୍ଟିକାଲ ଫି, ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ ପାଇଁ ଟଙ୍କା ଆଦାୟ କରି ଆସୁଥିଲେ। ବିଭିନ୍ନ ସମୟରେ ଆସୁଥିବା ସରକାରୀ ଅନୁଦାନ ଟଙ୍କା ନାୟକ ହଡ଼ପ କରିଥିବାର ପ୍ରମାଣ ରହିଛି। କଲେଜ ପରିଚାଳନା ସମିତି ସଭାପତି ତଥା ଉପଜିଲାପାଳଙ୍କ ବିନା ଅନୁମୋଦନରେ ସେ କଲେଜ ପରିଚାଳନା ସମିତିର ଟଙ୍କା ବାରମ୍ବାର ବ୍ୟାଙ୍କରୁ ଉଠାଇ ଖର୍ଚ୍ଚ କରିଛନ୍ତି ବୋଲି ଶା କହିଛନ୍ତି। ଏନେଇ ପରିଚାଳନା ସମିତି ସଭାପତି ତଥା ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁଙ୍କୁ ପଚାରିବାରୁ ସେ କହିଲେ, ନିର୍ବାଚନ ଯୋଗୁ ସେ ପଦକ୍ଷେପ ନେଇପାରି ନାହାନ୍ତି। ଠିକ୍ ସମୟରେ ତଦନ୍ତ ରିପୋର୍ଟକୁ ଆଧାରକରି ପଦକ୍ଷେପ ନେବେ ବୋଲି କହିଛନ୍ତି।

### କାଳିମେଳା ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ



କାଳିମେଳା, ୧୦.୩(ଡି ଏନ ଏ )

ମାଲାକାନଗିରି ଜିଲା କାଳିମେଳା ବ୍ଲକ ତଥା କାଳିମେଳା ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ପୃଥୀରାଜ ମାଝୀ ଗୁରୁବାର ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ସରପଞ୍ଚ କବିତା ମାଡ଼ି ନୂତନ ସରପଞ୍ଚ ମାଝୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ସମୟରେ ପିଇଓ ଗୋଲକ ପଟ୍ଟନାୟକଙ୍କ ସମେତ କର୍ମଚାରୀ, ସମସ୍ତ ୱାର୍ଡମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପଞ୍ଚାୟତରେ ପାନୀୟ ଜଳ, ରାସ୍ତାଘାଟ, ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନାରେ ଘର ଯୋଗାଇ ଦେବା ତାଙ୍କର ପ୍ରାଥମିକତା ହେବ ବୋଲି ମାଝୀ କହିଥିଲେ।

### ତହସିଲଦାର ଦାୟିତ୍ୱରେ ପଟ୍ଟାଙ୍ଗୀ ବିଡିଓ

ପଟ୍ଟାଙ୍ଗୀ,୧୦।୩(ଡି.ଏନ.ଏ.)

ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମିବାଡ଼ି ପଞ୍ଜୀକରଣ ବେଳେ ୩ କୋଟି ୭୦ ଲକ୍ଷ ଟଙ୍କାର କାରବାର ଉପରେ ସରକାରୀ ତହବିଲରେ ଦାଖଲ ହେବାକୁ ଥିବା ୟୁଜର୍ସ ଫି ହେରଫେର କରି ବୁଧବାର ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା ଏବଂ ପୂର୍ବତନ ତହସିଲଦାର ଅରୁଣ ଖଣ୍ଡା ନିଲମ୍ବିତ ହୋଇଛନ୍ତି। ଏହି ଘଟଣା ପରେ ଗୁରୁବାର ଜିଲାପାଳ ଅବଦୁଲ ଏମ୍.ଅଖତାର ପଟ୍ଟାଙ୍ଗୀ ବିଡିଓ ସୌମ୍ୟସାର୍ଥକ ମିଶ୍ରଙ୍କୁ ଅତିରିକ୍ତ ଭାବେ ତହସିଲଦାର ଦାୟିତ୍ୱ ଦେଇଛନ୍ତି। ଅନ୍ୟାଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି।

### ୟୁକ୍ରେନରୁ ମାଲକାନଗିରି ଫେରିଲେ ଅଂଶୁମାନ



ମାଲକାନଗିରି,୧୦।୩ (ଡି.ଏନ୍.ଏ.)

ଏବେ ୟୁକ୍ରେନ ଓ ରୁଷିଆ ମଧ୍ୟରେ ଯୁଦ୍ଧ ଜାରି ରହିଛି। ତେବେ ୟୁକ୍ରେନକୁ ଡାକ୍ତରୀ ପାଠ ପଢିବାକୁ ଯାଇ ସେଠାରେ ଫଶି ରହି ଯାଇଥିବା ମାଲକାନଗିରି ସଦର ମହକୁମା ବୁଟିଗୁଡାର ରାଜେନ୍ଦ୍ର ପ୍ରଧାନଙ୍କ ପୁଅ ଅଂଶୁମାନ ଗୁରୁବାର ମାଲକାନଗିରିରେ ପହଞ୍ଚିଛନ୍ତି। ସେ ୟୁକ୍ରେନର ଖାରବିକ୍ ନ୍ୟାଶନାଲ ମେଡିକାଲ ୟୁନଭରସିଟିରେ ୫ମ ବର୍ଷର ଡାକ୍ତରୀ ଛାତ୍ର ଥିଲେ। ପୁଅକୁ ଦେଖି ପରିବାରେ ଖୁସିର ଲହରୀ ଖେଳିଯାଇଛି। ବାପା ରାଜେନ୍ଦ୍ରୋ ଓ ମା’ ବିଦ୍ୟୁତ୍‌ଲତା ଏଥିପାଇଁ ଭାରତ ସରକାର ଓ ଓଡିଶା ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଦଶମନ୍ତପୁର, ୧୦।୩ ( ଡି.ଏନ୍.ଏ.)

ଜାଳେଣି କାଠ ଧରି ନଦୀ ପାରହୋଇ ଘରକୁ ଆସୁଥିବା ବେଳେ ଜଣେ ମହିଳା ନଦୀରେ ବୁଡ଼ିଯାଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ନାମ ଦୈମତି ଜାନି (୫୮)। ଏପରି ଅଭାବନୀୟ ଘଟଣା ଘଟିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ। ଏହି ବ୍ଲକର ଉପରଗଦଳା ଗ୍ରାମର ବଦ ଜାନିଙ୍କ ସ୍ତ୍ରୀ ଦୈମତି ଗୁରୁବାର ନିକଟସ୍ଥ ପାହାଡ଼କୁ ଜାଳେଣିକାଠ ସଂଗ୍ରହ କରିବାକୁ ଯାଇଥିଲେ। ସେ କାଠ ଧରି ତ୍ରିବେଣୀ ନଦୀ ପାରହୋଇ ଘରକୁ ଫେରୁଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ନଦୀରେ ବୁଡ଼ିଯାଇଥିଲେ। ଏନେଇ ବଦ ଦଶମନ୍ତପୁର ଥାନାରେ ଲିଖିତ ଏତଲା ଦେବା ପରେ ଥାନା ଅଧିକାରୀ ବିଜୟରାଜ ମାଝିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଥାନା ଅଧିକାରୀ ନିର୍ମଳା ଲିମ୍ମା ଟିମ୍ ସହ ପହଞ୍ଚି ନଦୀରୁ ଦୈମତିଙ୍କ ମୃତଦେହ ଆଣି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

